## ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ

# ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ପଶୁ ମାନଙ୍କ ଜନ୍ମ ନିୟନ୍ତ୍ରଣ ନିମନ୍ତେ ଧରା ଯାଉଥିବା କୁକୁର ମାନଙ୍କୁ ଖାଦ୍ୟ ଯୋଗାଣ ନିମନ୍ତେ ପ୍ରସ୍ତାବପତ୍ର

ପାରାଦ୍ୱୀପ ପୌର ପାଳିକା କାର୍ଯ୍ୟାଳୟ, ପାରାଦ୍ୱୀପ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା- ଜଗତସିଂହପୁର, ୭୫୪୧୪୨
At/ Po.- Paradeep, Dist.- Jagatsinghpur (Odisha), Pin- 754142

No.____________ Date.____________

## ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ପଶୁ ମାନଙ୍କ ଜନ୍ମ ନିୟନ୍ତ୍ରଣ ନିମନ୍ତେ ଧରା ଯାଉଥିବା କୁକୁର ମାନଙ୍କୁ ଖାଦ୍ୟ ଯୋଗାଣ ନିମନ୍ତେ ପ୍ରସ୍ତାବପତ୍ର

ପ୍ରସ୍ତାବ ସଂଖ୍ୟା- ୨୯୪୦ / ତା ୧୮.୦୫.୨୦୨୬

ଏତଦ୍ ଦ୍ୱାରା ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ପଶୁ ମାନଙ୍କ ଜନ୍ମ ନିୟନ୍ତ୍ରଣ ନିମନ୍ତେ ବଙ୍ଗାଳୀପଡା ୱାର୍ଡ ନଂ ୧୩ରେ ପରିଚାଳିତ ହେଉଥିବା ଏବିସି କେନ୍ଦ୍ରରେ ଧରା ଯାଉଥିବା କୁକୁର ମାନଙ୍କୁ ଖାଦ୍ୟ ଯୋଗାଣ ନିମନ୍ତେ ପାଇଁ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘ /ସ୍ୱେଚ୍ଛା ସେବୀ ସଂଗଠନ ମାନଙ୍କ ନିକଟରୁ ପ୍ରସ୍ତାବ ପତ୍ର ଗ୍ରହଣ କରାଯାଉଛି। ଇଚ୍ଛୁକ ଆବେଦନକାରୀ ମାନେ ତା.୧୮.୦୫.୨୦୨୬ରିଖ ଠାରୁ ତା ୨୬.୦୫.୨୦୨୬ରିଖ (ଦିବା ଘ୧୨.୩୦ଟିକା) ମଧ୍ୟରେ ପ୍ରସ୍ତାବ ପତ୍ର ପୁରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାପାରେ ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା। ଏହି ପ୍ରସ୍ତାବ ପତ୍ରଟି ତା ୨୬.୦୫.୨୦୨୬ରିଖ ଦିବା ଘ୧.୦୦ଟିକା ସମୟରେ ଉପସ୍ଥିତ ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯିବ । ପ୍ରସ୍ତାବ ପତ୍ର ପୌର ପରିଷଦ କାର୍ଯ୍ୟାଳୟ ତଥା ପାରାଦ୍ୱୀପ ପୌର ପରିଷଦର ୱେବ୍ ସାଇଟ ଯଥା: www.paradeepmunicipality.in ତା ୧୮.୦୫.୨୦୨୬ରିଖ ଠାରୁ ତା.୨୬.୦୫.୨୦୨୬ରିଖ ଘ୧୨.୩୦ଟିକା ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ପାରିବ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ଇଚ୍ଛୁକ ଗୋଷ୍ଠୀମାନେ ନିମ୍ନଲିଖିତ କାଗଜ ପତ୍ର ସହିତ ପ୍ରସ୍ତାବ ପତ୍ରକୁ ପୁରଣ କରି ପାରାଦ୍ୱୀପ ପୌର ପରିଷଦର ଟେଣ୍ଡର ବକ୍ସରେ ଦାଲଖ କରିବେ।

### ଖାଦ୍ୟ ପ୍ରଦାନର ବିବରଣି

ଆବେଦନକାରୀ ମାନେ ପ୍ରତି ଦିନ ୨ଥର (ଦିନ ୧୦ଘଟିକା ଓ ସନ୍ଧ୍ୟା ୭ଘଟିକା) ଖାଦ୍ୟ ପ୍ରସ୍ତୁତ କରି କୁକୁର ମାନଙ୍କୁ କେନାଲ ଗୃହରେ ବଣ୍ଟନ କରିବେ ଏହା ସହିତ ଅପରେସନ୍ ଦିନ କୁକୁର ମାନଙ୍କୁ ରୁଟି/ପାଉଁରୁଟି ଓ ଖିର ପ୍ରଦାନ କରିବେ। ଏଥି ସହିତ ସକାଳ ସମୟରେ ପ୍ରତି କୁକୁର ପିଛା ଏକ ଗୋଟି ବିସ୍କୁଟ ଖାଇବାକୁ ଦେବେ।

## ଖାଦ୍ୟର ତାଲିକା

| ବାର | ସକାଳ ୧୦ଘଟିକା | ସନ୍ଧ୍ୟା ୭ଘଟିକା | ସକାଳ ୬ ଘଟିକା |
|---|---|---|---|
| ସୋମବାର | ଭାତ, ମିଶାମିଶି ତରକାରୀ | ଭାତ, ଖିର | ବିସ୍କୁଟ |
| ମଙ୍ଗଳବାର | ଭାତ, ଚିକେନ | ଭାତ, ମାଛ ତରକାରି | ବିସ୍କୁଟ |
| ବୁଧବାର | ଭାତ, ଚିକେନ | ଭାତ, ଚିକେନ | ବିସ୍କୁଟ |
| ଗୁରୁବାର | ଭାତ, ମିଶାମିଶି ତରକାରୀ | ଭାତ, ଖିର | ବିସ୍କୁଟ |
| ଶୁକ୍ରବାର | ଭାତ, ଚିକେନ | ଭାତ, ମାଛ ତରକାରି | ବିସ୍କୁଟ |
| ଶନିବାର | ଭାତ, ମିଶାମିଶି ତରକାରୀ | ଭାତ, ଖିର | ବିସ୍କୁଟ |
| ରବିବାର | ଭାତ, ଚିକେନ | ଭାତ, ଚିକେନ | ବିସ୍କୁଟ |

- ପ୍ରକାଶ ଥାଉକି ପ୍ରତି କୁକୁର ମିଲ୍ ପାଇଁ ଟ.୩୫.୦୦ଙ୍କା (ପଇଁତିରିଶି ଟଙ୍କା)ମାତ୍ର ଦେୟ ପ୍ରଦାନ କରାଯିବ।
- ପ୍ରତ୍ୟେକ ଦିନ ପ୍ରଦାନ କରାଯାଉଥିବା ଖାଦ୍ୟର ମାନ ଏବଂ ପରିମାଣକୁ ଯାଞ୍ଚ କରାଯିବ।
- ଯଦି ଖାଦ୍ୟ ପ୍ରଦାନରେ ତୃଟି ପରିଲକ୍ଷିତ ହୁଏ ଏବଂ ବାରମ୍ବାର ଚେତାବନି ପରେ ମଧ୍ୟ ଯଦି କାର୍ଯ୍ୟରେ ସୁଧାର ନଆସେ ତେବେ ଆପଣଙ୍କ କାର୍ଯ୍ୟାଦେଶକୁ ବାତିଲି କରାଯାଇ ଦ୍ୱିତୀୟ ସର୍ବାଧିକ ନମ୍ବର ରଖିଥିବା ଗୋଷ୍ଠୀକୁ ଖାଦ୍ୟ ଯୋଗାଣ ପାଇଁ ଆଦେଶ ପ୍ରଦାନ କରାଯିବ।
- ନିର୍ବାହୀ ଅଧିକାରୀ କୌଣସି କାରଣ ନଦର୍ଶାଇ ଆପଣଙ୍କ କାର୍ଯ୍ୟାଦେଶକୁ ବାତିଲି କରିବାର କ୍ଷମତା ରଖନ୍ତି।

**ପ୍ରସ୍ତାବ ପତ୍ର ସହିତ ନିମ୍ନଲିଖିତ ଯୋଗ୍ୟତା ଓ ନଥିପତ୍ର(ଡକ୍ୟୁମେଣ୍ଟ) ସଂଲଗ୍ନ ଥିବା ଆବଶ୍ୟକ**

୧. ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘ ଗୃପ୍ ତା ୦୧.୦୫.୨୦୨୬ରିଖ ସୁଦ୍ଧା ସର୍ବନିମ୍ନ ଦୁଇ ବର୍ଷ ହେଇଥିବ।

୨. ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘ ପାରଦ୍ୱୀପ ପୌରାଞ୍ଚଳ ମଧ୍ୟରେ ହୋଇଥିବା ଆବଶ୍ୟକ।

୩. ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ ଏବଂ ଖାଦ୍ୟ ପ୍ରଦାନ କାର୍ଯ୍ୟର ପରିଚାଳନା ପାଇଁ ତା ୧୫.୫.୨୦୨୬ରିଖ ସୁଦ୍ଧା ଟ.୫୦,୦୦୦.୦୦ଙ୍କା (ପଚାଶ ହଜାର ଟଙ୍କା) ଜମା ପୁଞ୍ଜିଥିବା ଆବଶ୍ୟକ।

୪. ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘ ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ଅନ୍ୟାନ୍ୟ ଖାତାପତ୍ର ଅପଡେଟ ହୋଇଥିବ।

୫. ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ପ୍ୟାନ୍‌କାର୍ଡ ଥିବା ଜରୁରୀ ଅଟେ।

୬. ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର କୌଣସି ସଦସ୍ୟାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲାର ରେକଡ ନଥିବ।

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପାଳିକା

ଜ୍ଞାପକ ସଂଖ୍ୟା ୨୧୪୧ ତା ୧୮-୦୫-୨୦୨୬

ଏହି ବିଜ୍ଞାପନର ଏକକିତା ନକଲ ପୌର ପରିଷଦ ନୋଟିସ୍ ବୋର୍ଡ/ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ସୂଚନା ଫଳକରେ ପ୍ରକାଶ କରାଯାଇ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପାଳିକା

ଜ୍ଞାପକ ସଂଖ୍ୟା ୨୧୪୨ ତା ୧୮-୦୫-୨୦୨୬

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା, ଜଗତସିଂହପୁର/ ପ୍ରକଳ୍ପ ନିର୍ଦ୍ଦେଶକ, ସୁଡା, ଭୁବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପାଳିକା

## ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ ଓ ତାରିଖ

| କ୍ର:ସଂ: | ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ | ତାରିଖ ଓ ସମୟ |
|---|---|---|
| ୧ | ଆବେଦନ କରିବାର ତାରିଖ : | ତା.୧୮.୦୫.୨୦୨୬ ରିଖ ଠାରୁ<br>ତା.୨୬.୦୫.୨୦୨୬ରିଖ |
| ୨ | ଆବେଦନ କରିବାର ଶେଷ ତାରିଖ ଓ ସମୟ : | ତା.୨୬.୦୫.୨୦୨୬ ରିଖ ଦିବା ଘ୧୨.୩୦ଟିକା |
| ୩ | ପ୍ରାପ୍ତ ହୋଇଥିବା ପ୍ରସ୍ତାବ ଖୋଲିବା ତାରିଖ ଓ ସମୟ : | ତା.୨୬.୦୫.୨୦୨୬ ରିଖ ଦିବା ଘ୧.୦୦ଟିକା |

# ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମହାସଂଘର ବିବରଣୀ

| କ୍ର.ନଂ | ବର୍ଣ୍ଣନା | ବିବରଣୀ |
|---|---|---|
| ୧ | ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ନାମ | |
| ୨ | ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ଠିକଣା ଓ ୱାର୍ଡ ନଂ | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ଗଠନ ତାରିଖ | |
| ୪ | ସଭାପତି, ସଂପାଦିକାଙ୍କ ନାମ ଓ ଠିକଣା ଓ ମୋବାଇଲ ନଂ | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ପ୍ୟାନ ନଂ | |
| ୬ | ବ୍ୟାଙ୍କ ଖାତାର ବିବରଣୀ | ସେଭିଂ ପାସ୍‌ବୁକ୍ ନଂ:-<br>ବ୍ୟାଙ୍କର ନାମ:-<br>ଆଇଏଫଏସ୍‌ସି ନଂ:- |
| ୭ | ବିଗତ ବର୍ଷମାନଙ୍କରେ ସାମାଜିକ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ବିବରଣୀ | |

ସଭାପତି
ସ୍ୱୟଂ ସହାୟକ ଗୋଷ୍ଠୀର ସିଲ୍

ସଂପାଦିକା
ସ୍ୱୟଂ ସହାୟକ ଗୋଷ୍ଠୀର ସିଲ୍

# ସଂକଳ୍ପନାମା

ଆମ୍ଭ-------------------ସ୍ୱୟଂ ସହାୟକ ଗୋଷ୍ଠୀ------------- (ଠିକଣା), ୱାର୍ଡ ନଂ -----ର ନାମରେ କିମ୍ବା ପରିଚାଳନା ସମିତିରେ ଥିବା କୌଣସି ସଦସ୍ୟାଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ। ଏହାଦ୍ୱାରା ଆମ୍ଭେମାନେ ଘୋଷଣା କରୁଅଛୁ କି ପାରାଦ୍ୱୀପ ପୌର ପରିଷଦ ଦ୍ୱାରା ଏ.ବି.ସି. କେନ୍ଦ୍ରକୁ କୁକୁର ମାନଙ୍କୁ ଖାଦ୍ୟ ଯୋଗାଣ ପାଇଁ କରାଯାଇଥିବା ସମସ୍ତ ନିୟମାବଳୀ ଆମ୍ଭେ ମାନିବା ପାଇଁ ରାଜିଅଛୁ। ଯଦି ଏଥିରେ ବ୍ୟତିକ୍ରମ ହୁଏ, ତେବେ ଆମ୍ଭମାନଙ୍କର ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ କୁ ଆମ୍ଭେ ମାନିନେବୁ

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର

ତାରିଖ

## ପ୍ରସ୍ତାବ ପତ୍ରର ମୂଲ୍ୟାଙ୍କନ ପଦ୍ଧତି:

ପ୍ରସ୍ତାବ ପତ୍ର ପ୍ରଦାନ କରିଥିବା ସମସ୍ତ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘର ଦସ୍ତାବିଜ ଯାଞ୍ଚ କରାଯିବା ସଙ୍ଗେ ସଙ୍ଗେ ନିମ୍ନରେ ଦିଆଯାଇଥିବା ମାନଦଣ୍ଡ ଅନୁଯାୟୀ ମୂଲ୍ୟାଙ୍କନ କାରାଯିବ। ମୁଲ୍ୟାଙ୍କନ ପରେ ଅଧିକ ମାର୍କ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ/ ଆଞ୍ଚଳିକ ମହାସଂଘକୁ ଖାଦ୍ୟ ଯୋଗାଣ ନିମନ୍ତେ ଆଦେଶ ପ୍ରଦାନ କରାଯିବ ଏବଂ ମିଲ୍ ପ୍ରତି ଟ.୩୫.୦୦ଙ୍କା ହିସାବରେ ଦେୟ ପ୍ରଦାନ କରାଯିବ।

| କ୍ର.ନଂ. | ପରିମାପର ବିଷୟ | ସଙ୍କେତକ | ମାର୍କ | ମୋଟ ପ୍ରାପ୍ତ ମାର୍କ |
|---|---|---|---|---|
| ୧ | **ନିୟମିତ ସଞ୍ଚୟ** | • ୮୦% ରୁ ଅଧିକ ସଦସ୍ୟ ନିୟମିତ ସଞ୍ଚୟ କରନ୍ତି<br>• ୫୦% -୮୦% ସଦସ୍ୟ ନିୟମିତ ସଞ୍ଚୟ କରନ୍ତି<br>• ୫୦% ରୁ କମ୍ ସଦସ୍ୟ ନିୟମିତ ସଞ୍ଚୟ କରନ୍ତି | • ୧୦<br>• ୦୩<br>• ୦୦ | |
| ୨ | ଅବସ୍ଥିତି | • ସେହି ୱାର୍ଡର ହୋଇଥିଲେ (୧୦ମାର୍କ)<br>• ନିକଟବର୍ତ୍ତି ୱାର୍ଡର ହୋଇଥିଲେ (୫ମାର୍କ)<br>• ଅନ୍ୟ ୱାର୍ଡର ହୋଇଥିଲେ (୨ମାର୍କ) | • ୧୦<br>• ୦୫<br>• ୦୨ | |
| ୩ | **ଜମା ରାଶି** | • ୦୧ଲକ୍ଷରୁ ଉର୍ଦ୍ଧ<br>• ୫୦ହଜାର ରୁ ୧ ଲକ୍ଷ<br>• ୩୦ହଜାର ରୁ ୫୦ ହଜାରଯ | • ୧୫<br>• ୧୦<br>• ୦୫ | |
| ୪ | **ଖାତା ପତ୍ର ଲିଖନ** (ଯଦି ଖାତା ଥିବ ଏବଂ ନିୟମିତ ଲେଖାହେଉଥିବ) | • ଅଧିବେଶନ ଖାତା | • ୦୫ | |
| | | • ସଞ୍ଚୟ ଖାତା | • ୦୫ | |
| ୫ | ନିଜ ଗୋଷ୍ଠୀ ମଧ୍ୟରେ ଲୋନ୍ | ନିୟମିତ ଅର୍ଥ କାରବାର (ନିଜ ଗୋଷ୍ଠୀ ମଧ୍ୟରେ ଲୋନ ଅର୍ଥ ପ୍ରଦାନ) | • ୦୫ | |
| | | **ସର୍ବମୋଟ ମାର୍କ** | • ୫୦ | |

**ବିଦ୍ର:- ଯଦି ଏକରୁ ଅଧିକ ଗୋଷ୍ଠୀ ସମାନ ମାର୍କ ରଖନ୍ତି ଦେବେ ଏଥିପାଇଁ ଲଟେରୀ କରାଯାଇ ଗୃପ୍ ଚୟନ କରାଯିବ। ଏହାକୁ ସମସ୍ତ ଗୋଷ୍ଠୀ ମାନିବା ପାଇଁ ବାଧ୍ୟ।**

ସଭାପତିଙ୍କ ସ୍ୱାକ୍ଷର

ସମ୍ପାଦିକାଙ୍କ ସ୍ୱାକ୍ଷର

ତାରିଖ

ନିର୍ବାହୀ ଅଧିକାରୀ

ପାରାଦ୍ୱୀପ ପୌର ପାଳିକା